# NATIONAL NEWS BULLETIN (ODIA)
## 26th July - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଦେଶ ଆଜି ପାଳନ କରୁଛି ୨୫ତମ କାର୍ଗିଲ୍ ବିଜୟ ଦିବସ ।

— ଏହି ଅବସରରେ କାର୍ଗିଲ୍ ଯୁଦ୍ଧ ସ୍ମାରକରେ ଶ୍ରଦ୍ଧାସୁମନ ଅର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଆଜିଠାରୁ ଆରମ୍ଭ ହେଉଛି ପ୍ୟାରିସ୍ ଅଲିମ୍ପିକ୍ସ କ୍ରୀଡ଼ାକୁମ୍ଭ ।

— ଭାରତର ନେତୃତ୍ୱ ନେଉଛନ୍ତି ଶରତ କମଲ୍ ଓ ପି.ଭି. ସିନ୍ଧୁ ।

- ଦୁଇଟି ରାଜ୍ୟର ଅଧ୍ୟକ୍ଷ ଏବଂ ୬ଟି ରାଜ୍ୟପାଇଁ ପ୍ରଭାରୀ ନିଯୁକ୍ତ କଲା ବି.ଜେ.ପି. ।

- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

ଏବଂ

- ମହିଳା ଏସିଆ କପ୍ ଟି.- ଟ୍ୱେଣ୍ଟି କ୍ରିକେଟ୍ ସେମିଫାଇନାଲ୍‌ରେ ଆଜି ମୁହାଁମୁହିଁ ହେବେ ଭାରତ ଓ ବାଂଲାଦେଶ ।

## କାର୍ଗିଲ୍ ବିଜୟ ଦିବସ - ଇଣ୍ଟ୍ରୋ

ଆଜି ଦେଶ ୨୫ତମ କାର୍ଗିଲ୍ ବିଜୟ ଦିବସ ପାଳନ କରୁଛି । ୧୯୯୯ ମସିହାରେ କାର୍ଗିଲ୍ ଯୁଦ୍ଧରେ ପ୍ରାଣବଳି ଦେଇଥିବା ବୀର ଭାରତୀୟ ଯୋଦ୍ଧାମାନଙ୍କୁ ଆଜି ହେଉଛି ଶ୍ରଦ୍ଧାସୁମନ ଅର୍ପଣ କରିବାର ଦିନ । ୧୯୯୯ ମସିହା ଆଜିର ଦିନରେ ଭାରତ' ଅପରେସନ୍ ବିଜୟ ଅଭିଯାନରେ ପାକିସ୍ତାନ ବିରୋଧରେ ବିଜୟ ହାସଲ କରିଥିଲା । ଜମ୍ମୁ-କାଶ୍ମୀରର କାର୍ଗିଲ ଜିଲ୍ଲାକୁ ପାକିସ୍ତାନୀ ସେନା ଏବଂ ଆତଙ୍କବାଦୀ ପ୍ରବେଶ କରି ସେହି ସ୍ଥାନକୁ ଅକ୍ତିଆର କରିନେଇଥିଲେ । ଭାରତୀୟ ସେନା ଅକ୍ଳାନ୍ତ ପରିଶ୍ରମ କରି ସେଠାରେ ଭାରତୀୟ ତ୍ରିରଙ୍ଗା ଉଡ଼ାଇଥିଲେ ।

## ପି.ଏମ୍. - କାର୍ଗିଲ୍ ବିଜୟ ଦିବସ

ପଞ୍ଚବିଂଶ କାର୍ଗିଲ୍ ବିଜୟ ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଗିଲ୍ ଯୁଦ୍ଧ ସ୍ମାରକ ପରିଦର୍ଶନରେ ଯିବେ । ଦେଶପାଇଁ କର୍ତ୍ତବ୍ୟ କରି

ସର୍ବୋଚ୍ଚ ବଳିଦାନ ଦେଇଥିବା ଯବାନମାନଙ୍କୁ ଶ୍ରୀ ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିବସ ପ୍ରତ୍ୟେକ ଭାରତୀୟଙ୍କପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆଜିର ଦିବସ ହେଉଛି, ଦେଶକୁ ସୁରକ୍ଷା ଦେଉଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବାର ଦିନ ।

ଶ୍ରୀ ମୋଦି କହିଛନ୍ତି, ଆଜିଠାରୁ 'ଶିଙ୍କୁନ ଲା' ସୁଡ଼ଙ୍ଗ ପରିଯୋଜନାର କାର୍ଯ୍ୟ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ପ୍ରଥମ ବିସ୍ଫୋରଣ କରି ଏହି ଯୋଜନାର କାର୍ଯ୍ୟ ଆରମ୍ଭ କରିବେ । ଖରାପ ପାଗ ସମୟରେ ଯୋଗାଯୋଗ ରକ୍ଷା ଦିଗରେ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୫ ହଜାର ୮୦୦ ଫୁଟ୍ ଉପରେ ୪ ଦଶମିକ ୧ କିଲୋମିଟର ଲମ୍ବ ଏହି ସୁଡ଼ଙ୍ଗ ସବୁ ସମୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁରକ୍ଷିତ କରିବ । ନିର୍ମାଣ ଶେଷହେବା ପରେ ଏହି ସୁଡ଼ଙ୍ଗ ବିଶ୍ୱର ସବୁଠାରୁ ଉଚ୍ଚତମ ସୁଡ଼ଙ୍ଗ ଭାବେ ବିବେଚିତ ହେବ । ସେନାବାହିନୀର ଗମନାଗମନ ବ୍ୟତୀତ ଏହି ସୁଡ଼ଙ୍ଗ ଲଦାଖ୍‌ର ଆର୍ଥିକ ଏବଂ ସାମଜିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ନଡ୍ଡା - କାର୍ଗିଲ୍ ଡେ

ବି.ଜେ.ପି. ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, କାର୍ଗିଲ୍ ଯୁଦ୍ଧ ସାମରିକ ମୂଲ୍ୟବୋଧର ସଂଘର୍ଷ ଥିଲା, ଯେଉଁଥିରେ ଆମ ସୈନିକମାନେ ଗମ୍ଭୀର ପରିସ୍ଥିତିର ସାମ୍ନା କରି ପାକିସ୍ତାନ

ବିରୋଧରେ ଲଢ଼େଇ କରିଥିଲେ । ଗତ ସନ୍ଧ୍ୟାରେ ଏକ ମଶାଲ୍ ର୍ୟାଲିକୁ ସମ୍ବୋଧିତ କରି ଶ୍ରୀ ନଡ୍ଡା କହିଥିଲେ, ଭାରତୀୟ ସେନା ଆହ୍ୱାନ ସତ୍ତ୍ୱେ ରଣନୈତିକ ପ୍ରତିଭା ଯୋଗୁଁ ବିଜୟ ହାସଲ କରିଥିଲେ ଏବଂ କାର୍ଗିଲ୍ ଶିଖରରେ ତ୍ରିରଙ୍ଗା ଉଡ଼ାଇଥିଲେ । ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେନାପାଇଁ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଦୁଇ ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ କରାଯାଇଛି । ସେ କହିଛନ୍ତି, ଏବେ ମାତ୍ର ଦେଢ଼ ଦିନରେ ସେନା ଅରୁଣାଚଳ ପ୍ରଦେଶରୁ ଲଦାଖରେ ପହଞ୍ଚିପାରୁଛି । ଏହି ଅବସରରେ ଶ୍ରୀ ନଡ୍ଡା ଏକ ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସହ ବୀର ଯବାନମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ପ୍ୟାରିସ୍ - ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ କ୍ରୀଡ଼ାକୁମ୍ଭ ଆଜିଠାରୁ ଆରମ୍ଭ ହେବ । ପ୍ୟାରିସ୍‌ର ସୀନ୍ ନଦୀକୂଳରେ ଭାରତୀୟ ସମୟ ଅନୁସାରେ ଆଜି ରାତି ୧୧ଟାରେ ଉଦ୍‌ଘାଟନ ସମାରୋହ ଆୟୋଜିତ ହେବ । ପ୍ରଥମ ଥରପାଇଁ ଅଲିମ୍ପିକ୍ସର ଉଦ୍‌ଘାଟନ ସମାରୋହ ଷ୍ଟାଡିୟମ୍‌ରେ କରା ନ ଯାଇ ଖୋଲା ସ୍ଥାନରେ କରାଯାଉଛି । ଏଥିରେ ଭାଗ ନେଉଥିବା ବିଭିନ୍ନ ଦେଶର ଖେଳାଳିମାନେ ଏକ ପରେଡ୍‌ରେ ନେତ୍ରେଡେମ୍, ପଣ୍ଟ ଡେସ୍ ଆର୍ଟସ୍ ଏବଂ

ପଣ୍ଟ ନ୍ୟୁଫ୍ ମଧ୍ୟଦେଇ ଅତିକ୍ରମ କରିବ । ପ୍ରାୟ ୧୦୦ଟି ବୋଟ୍‌ରେ ୧୦ ହଜାର ୫୦୦ କ୍ରୀଡ଼ାବିତ୍ ପରେଡ୍‌ରେ ଅଂଶଗ୍ରହଣ କରିବେ । ସେହି ପରେଡ୍ ଅଷ୍ଟ୍ରେରଲିଜ୍ ସେତୁରୁ ଆରମ୍ଭ ହୋଇ ଆଇଫେଲ୍ ଟାୱାର ପର୍ଯ୍ୟନ୍ତ ଯିବ । ସେଠାରେ ଅଲିମ୍ପିକ୍ସ ମଶାଲ୍ ପ୍ରଜ୍ୱଳିତ କରାଯାଇ ସମାରୋହ ଆରମ୍ଭ ହେବ । ଭାରତ ପକ୍ଷରୁ ଶରତ କମଲ୍ ଏବଂ ପି.ଭି. ସିନ୍ଧୁ ଜାତୀୟ ପତାକା ବହନ କରିବେ । ପି.ଭି. ସିନ୍ଧୁ ଅଲିମ୍ପିକ୍ସରେ ୨ ଥର ବ୍ୟାଡ୍‌ମିଣ୍ଟନ୍‌ରେ ପଦକ ଜିତିଛନ୍ତି । ଭାରତୀୟ ଖେଳାଳିମାନେ ପାରମ୍ପରିକ ବେଶଭୂଷାରେ ପରେଡ୍‌ରେ ଭାଗ ନେବେ ।

ଗତକାଲି ପ୍ୟାରିସ୍ ଅଲିମ୍ପିକ୍ସରେ ତୀରନ୍ଦାଜ୍‌ରେ ଭାରତର ପୁରୁଷ ଦଳ ର୍‍ୟାଙ୍କିଙ୍ଗ୍ ରାଉଣ୍ଡ୍‌ରେ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ମହିଳା ଦଳ ଚତୁର୍ଥ ସ୍ଥାନ ହାସଲ କରି କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛି । କ୍ୱାର୍ଟର୍ ଫାଇନାଲ୍‌ରେ ଭାରତୀୟ ମହିଳା ଟିମ୍ ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତା ଦଳ ସହ ମୁକାବିଲା କରିବ । ସେହିପରି ଭାରତୀୟ ପୁରୁଷ ଦଳ କ୍ୱାର୍ଟର୍ ଫାଇନାଲ୍‌ରେ କଲମ୍ବିଆ କିମ୍ବା ତୁର୍କୀ ସହ ମୁକାବିଲା କରିବ ।

## ବି.ଜେ.ପି. - ନିୟୁ ଷ୍ଟେଟ୍ ଚିଫ୍ସ

ବିହାର ଏବଂ ରାଜସ୍ଥାନରେ ବି.ଜେ.ପି. ଦଳର ନୂଆ ରାଜ୍ୟ ଅଧ୍ୟକ୍ଷ ନିଯୁକ୍ତ କରିଛି । ଦଳ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦିଲୀପ ଜୟସ୍ୱାଲ୍‌ଙ୍କୁ

ବିହାରର ନୂଆ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ବିହାର ବିଧାନ ପରିଷଦର ସଦସ୍ୟ ଥିବା ଶ୍ରୀ ଜୟସ୍ୱାଲ୍' ସମ୍ରାଟ ଚୌଧୁରୀଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି । ଏବେ ସମ୍ରାଟ୍ ଚୌଧୁରୀ ବିହାରର ଉପମୁଖ୍ୟମନ୍ତ୍ରୀ ଅଛନ୍ତି ।

ରାଜ୍ୟସଭା ସଦସ୍ୟ ମଦନ ରାଠୋର୍‌ଙ୍କୁ ରାଜସ୍ଥାନ ବି.ଜେ.ପି.ର ନୂଆ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି । ସେ ସି.ପି. ଯୋଶୀଙ୍କ ସ୍ଥାନରେ କାର୍ଯ୍ୟ କରିବେ । ସେହିପରି ଦଳ ପକ୍ଷରୁ ୬ଟି ରାଜ୍ୟପାଇଁ ପ୍ରଭାରୀ ନିଯୁକ୍ତ କରାଯାଇଛି । ହରୀଶ୍ ଦ୍ୱିବେଦୀଙ୍କୁ ଆସାମ୍‌ର ଦଳୀୟ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ସାଂସଦ ଅତୁଲ ଗର୍ଗଙ୍କୁ ଚଣ୍ଡୀଗଡ଼, ଅରବିନ୍ଦ ମେନନ୍‌ଙ୍କୁ ଲାକ୍ଷାଦ୍ୱୀପ ଏବଂ ତାମିଲ୍‌ନାଡୁ, ରାଧାମୋହନ ଦାସ ଅଗ୍ରୱାଲ୍‌ଙ୍କୁ ରାଜସ୍ଥାନ, ଡକ୍ଟର ରାଜଦୀପ୍ ରାୟଙ୍କୁ ତ୍ରିପୁରା, ବିଜୟା ରହାଟ୍‌କର୍‌ଙ୍କୁ ରାଜସ୍ଥାନର ସହ-ପ୍ରଭାରୀ ଏବଂ ସୁଧାକର ରେଡ୍ଡୀଙ୍କୁ ତାମିଲ୍‌ନାଡୁର ସହପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି ।

## ସି.ବି.ଆଇ. - ନୀଟ୍

ନୀଟ୍-ୟୁ.ଜି. ଅନିୟମିତତା ମାମଲାର ଯାଞ୍ଚ୍ କରୁଥିବା ସି.ବି.ଆଇ. ତଦନ୍ତ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଉଥିବା ସମ୍ବାଦକୁ ଖଣ୍ଡନ କରିଛି । ସି.ବି.ଆଇ. କହିଛି. ଏପର୍ଯ୍ୟନ୍ତ ଏହି ଘଟଣାରେ ୩୩ଟି ସ୍ଥାନରେ ଚଢ଼ାଉ

କରାଯାଇଛି ଏବଂ ୩୬ ଜଣଙ୍କୁ ଗିରଫ କରାଯାଇଛି । ବିହାର ପୁଲିସ୍ ୧୫ ଜଣଙ୍କୁ ଗିରଫ କରିଛି । ଯାଞ୍ଚ୍ ସମୟରେ ଅନେକ ତଥ୍ୟ ମିଳିଛି, ଯାହା ଉପରେ ତଦନ୍ତ ପର୍ଯ୍ୟବସିତ ବୋଲି ସି.ବି.ଆଇ. ସ୍ପଷ୍ଟ କରିଛି । ତେବେ ବିଭିନ୍ନ ସମୟରେ କେତେକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ତଦନ୍ତ ନେଇ ମିଥ୍ୟା ସମ୍ବାଦ ପରିବେଷଣ କରାଯାଉଥିବାରୁ ସେଥିରୁ ଦୂରେଇ ରହିବାକୁ ସି.ବି.ଆଇ. ପରାମର୍ଶ ଦେଇଛି ।

## ଶ୍ରୀଲଙ୍କା - ଷ୍ଟୁଡେଣ୍ଟ

ଶ୍ରୀଲଙ୍କାର ୩୬ ଜଣ ଛାତ୍ରଛାତ୍ରୀ ଭାରତ ସରକାରଙ୍କ ଛାତ୍ରବୃତ୍ତି ଜରିଆରେ ହିନ୍ଦୀ ଅଧ୍ୟୟନ ପାଇଁ ମନୋନୀତ ହୋଇଛନ୍ତି । ଆଗ୍ରାସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଆରମ୍ଭ ହେବାକୁ ଯାଉଥିବା ପାଠ୍ୟକ୍ରମ ପାଇଁ ଏହି ଛାତ୍ରବୃତ୍ତି ଦିଆଯାଇଛି । ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଅନେକ ବର୍ଷ ଧରି ସାଂସ୍କୃତିକ, ଭାଷାଗତ, ସାହିତ୍ୟିକ ଏବଂ ଧାର୍ମିକ ସମ୍ବନ୍ଧ ଅତୁଟ ରହିଛି । ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଶିକ୍ଷାଗ୍ରହଣ ପାଇଁ ଶ୍ରୀ ଝା ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ୧୩ ବର୍ଷରେ ଶ୍ରୀଲଙ୍କାର ୧୭୦ରୁ

ଅଧିକ ଛାତ୍ରଛାତ୍ରୀ ଭାରତରେ ଛାତ୍ରବୃତ୍ତି ଲାଭ କରି ହିନ୍ଦୀ ଶିକ୍ଷା ଗ୍ରହଣ କରିଛନ୍ତି ।

## ସି.ବି.ଆଇ. - କୋକେନ୍

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ - ସି.ବି.ଆଇ. ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଜଣେ ଭାରତୀୟ ବଂଶୋଦ୍ଭବ ଜର୍ମାନ୍ ନାଗରିକଙ୍କଠାରୁ ୬ କିଲୋଗ୍ରାମ୍ ଓଜନର କୋକେନ୍ ଜବତ କରିଛି । ସେ ଦୋହାରୁ ନୂଆଦିଲ୍ଲୀ ଯାତ୍ରା କରୁଥିଲେ । ଦୁଇଟି ଖେଳଣା ଭିତରେ କୋକେନ୍ ଲୁଚାଯାଇଥିଲା । ଏହି ଘଟଣାରେ ସି.ବି.ଆଇ. ଅଧିକ ଯାଞ୍ଚ୍ କରୁଛି ।

## ଶ୍ରୀଲଙ୍କା - ପ୍ରେସିଡେଣ୍ଟ ଇଲେକ୍‌ସନ୍

ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯିବ । ସେଠାକାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆଜି ଗେଜେଟ୍ ବିଜ୍ଞପ୍ତି ଜରିଆରେ ରାଷ୍ଟ୍ରପତି ନିର୍ବାଚନ ତାରିଖ ଘୋଷଣା କରାଯିବ । ଗତକାଲି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି

ନିଷ୍ପତ୍ତି ହୋଇଛି । ଚଳିତ ବର୍ଷ ପ୍ରାରମ୍ଭରେ ସେଠାକାର ନିର୍ବାଚନ ଆୟୋଗ ଚଳିତ ବର୍ଷ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୬ ମଧ୍ୟରେ ରାଷ୍ଟ୍ରପତି ନିର୍ବାଚନ ହେବ ବୋଲି କହିଥିଲେ ।

## ଇଥିଓପିଆ - ଲ୍ୟାଣ୍ଡ୍‌ସ୍ଲାଇଡ୍

ଇଥିଓପିଆର ଦକ୍ଷିଣାଞ୍ଚଳରେ ହୋଇଥିବା ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୫୭କୁ ବୃଦ୍ଧି ପାଇଛି । ଜାତିସଂଘ ପକ୍ଷରୁ ଏହି ସଂଖ୍ୟା ୫୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ଥିବା କୁହାଯାଇଛି । ସୂଚନା ଅନୁଯାୟୀ, ଭୂସ୍ଖଳନ ଘଟିଥିବା ଅଞ୍ଚଳରେ ପ୍ରାୟ ୧୫ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିବା ଜରୁରୀ ହୋଇପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଗେଜ୍ ଗୋଫା ଜିଲ୍ଲାରେ ହୋଇଥିବା ଭୂସ୍ଖଳନ ଆସନ୍ତା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିପର୍ଯ୍ୟୟ ଆଣିବ ବୋଲି କୁହାଯାଉଛି ।

## ସାଇକ୍ଲୋନ୍ - ଫିଲିପାଇନ୍ସ

ଫିଲିପାଇନ୍ସରେ ଭୟଙ୍କର ଝଡ଼ 'ଗେମି' ଏବଂ ଦକ୍ଷିଣ-ପଶ୍ଚିମ ମୌସୁମୀ ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ଫିଲିପାଇନ୍ସର ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ

ଆହତମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇ ନାହିଁ । ପ୍ରାଥମିକ ଭାବେ ପାଣିରେ ବୁଡ଼ିଯିବା, ଭୂସ୍ଖଳନ, ଉପୁଡ଼ି ପଡ଼ିଥିବା ଗଛ ଏବଂ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨୨ ଜଣଙ୍କ ମୃତ୍ୟୁ ଘଟିଛି । ଫିଲିପାଇନ୍ସରେ ଏହି ଝଡ଼କୁ ମିଶାଇ ଚଳିତ ବର୍ଷ ୩ଟି ଝଡ଼ରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଛି । ଇତିମଧ୍ୟରେ ସେଠାରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବାବେଳେ ସରକାରୀ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖାଯାଇଛି । ଏହି ଝଡ଼ ଏବେ ଚୀନ୍ ଆଡ଼କୁ ଅଗ୍ରସର ହେଉଥିବା ଜଣାପଡ଼ିଛି ।

## ଫରେନ୍ ମିନିଷ୍ଟର - ଚୀନ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଏସିଆ ସମେତ ବିଶ୍ୱର ଅନେକଗୁଡ଼ିଏ ସମ୍ଭାବନାକୁ ସାକାର କରିବା ଲାଗି ଭାରତ-ଚୀନ୍ ମଧ୍ୟରେ ସମ୍ପର୍କରେ ସ୍ଥିରତା ଜରୁରୀ । ଗତକାଲି ଡକ୍ଟର ଜୟଶଙ୍କର ଚୀନ୍‌ର ବିଦେଶ ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କ ସହ ଆଲୋଚନା ପରେ ଏହା କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି, ଉଭୟ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ନେଇ ଚର୍ଚ୍ଚା ଜାରି ରହିଛି । ଏହି ଆଲୋଚନାକାଳରେ ସୀମା ସମସ୍ୟା ମୁଖ୍ୟ ପ୍ରସଙ୍ଗ ହେବ ବୋଲି ସେ

କହିଛନ୍ତି । ଅନ୍ୟପକ୍ଷରେ ଉଭୟ ଦେଶର ସେନାକୁ ଫେରାଇ ନେବା ପ୍ରକ୍ରିୟା ଶେଷ କରିବା ଲାଗି ଦୃଢ଼ ମାର୍ଗଦର୍ଶନର ଆବଶ୍ୟକତା ରହିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ୱିମେନ୍ସ କ୍ରିକେଟ୍ - ଏସିଆ କପ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ସେମିଫାଇନାଲ୍‌ରେ ଆଜି ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଶ୍ରୀଲଙ୍କାର ରଣଗିରୀ ଦାମ୍ବୁଲା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ୨ଟାରେ ଏହି ମ୍ୟାଚ୍ ଖେଳାଯିବ । ଭାରତୀୟ ମହିଳା କ୍ରିକେଟ୍ ଦଳ ଗ୍ରୁପ୍-ଏ'ରେ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ତାଲିକାର ଶୀର୍ଷରେ ଥିବାବେଳେ ଗ୍ରୁପ୍-ବି'ରେ ବାଂଲାଦେଶ ଦ୍ୱିତୀୟ ସ୍ଥାନରେ ଅଛି ।

*****